# ପୂର୍ଣ୍ଣାଙ୍ଗ ଶିକ୍ଷାର ସଫଳତା
## (ପ୍ରଶ୍ନୋତ୍ତର)

ପ୍ରଶ୍ନ : ପୂର୍ଣ୍ଣାଙ୍ଗ ଶିକ୍ଷା ଯେ ସଫଳତା ହାସଲ କରିବ, ଏ ଆଶା ନାହିଁ । ଗାନ୍ଧିଜିଙ୍କ ମୌଳିକ ଶିକ୍ଷା ଏବଂ ରବୀନ୍ଦ୍ରନାଥଙ୍କର ଶାନ୍ତିନିକେତନରେ ପ୍ରବର୍ତ୍ତିତ ଶିକ୍ଷାର ଯେଉଁ ଦଶା ହେଲା, ପୂର୍ଣ୍ଣାଙ୍ଗ ଶିକ୍ଷାର ଶେଷ ପରିଣତି ତାହାହିଁ ହେବ । କାରଣ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ସମାଜରେ ପ୍ରୟୋଗ କଲା ବେଳ ଆସି ନାହିଁ; ଉପଯୁକ୍ତ ଶିକ୍ଷକ ମଧ୍ୟ ନାହାନ୍ତି ।

ଉତ୍ତର : ଠିକ୍ ଏହିପରି ତୀବ୍ର, କଠୋର ସନ୍ଦେହ, ଅକଳ୍ପନୀୟ ବାଧାବିଘ୍ନ ହୋଇଥିଲା ସ୍ୱରାଜ ଆନ୍ଦୋଳନ ସମୟରେ । ତାହା ହେବା ସତ୍ତ୍ୱେ ଯେପରି ଭାରତ ସ୍ୱତନ୍ତ୍ର ହୋଇଥିଲା ସେହିପରି ପୂର୍ଣ୍ଣାଙ୍ଗ ଶିକ୍ଷାରେ ସନ୍ଦେହ ଏବଂ ବାଧାବିଘ୍ନ ହେବା ସତ୍ତ୍ୱେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରଚଳିତ ହେବ । ଭାରତର ସ୍ୱରାଜ ଆନ୍ଦୋଳନ ସମୟରେ ପ୍ରଧାନ ପ୍ରାଧାନ ଅଳ୍ପ କେତେକ ନେତା ଆରମ୍ଭକଲେ । କିନ୍ତୁ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ଅଫିସର ସହିତ ଅଧିକାଂଶ ବ୍ୟକ୍ତି କହୁଥିଲେ, ''ସ୍ୱରାଜ ଆନ୍ଦୋଳନ କରିବା ବ୍ୟକ୍ତି ଭାରତବର୍ଷର ସର୍ବନାଶ କରୁଅଛନ୍ତି । ୧୮୮୮ରେ ସିପାହି ବିଦ୍ରୋହ ଯେପରି ବିଫଳ ହୋଇଥିଲା ଏବଂ ଭାରତର ସର୍ବନାଶ କରିଥିଲା, ଏହି ଆନ୍ଦୋଳନ ମଧ୍ୟ ବିଫଳ ହେବ ଏବଂ ବ୍ରିଟିଶ ସରକାର ଦ୍ୱାରା ଭାରତର ବହୁ ଧନ, ଜନ ନଷ୍ଟ ହେବ । ଭାରତ ସ୍ୱତନ୍ତ୍ର ହେବାର ସମୟ ଆସି ନାହିଁ ।'' ଭାରତ ସ୍ୱତନ୍ତ୍ର ହେବା ପର୍ଯ୍ୟନ୍ତ ବହୁସଂଖ୍ୟକ ବ୍ୟକ୍ତିଙ୍କର ଏହି ଧାରଣା ଥିଲା । ଭାରତ ସ୍ୱତନ୍ତ୍ର ହେବାକୁ ଭାଇସ୍‌ରାୟ ଘୋଷଣା କରିସାରିଥିଲେ । ମୁଁ ଜଣେ ଆଇ. ସି. ଏସ୍. ଅଫିସରଙ୍କୁ ପଚାରିଲି, ''ବ୍ରିଟିଶ ସରକାର ଘୋଷଣା କରିସାରିଲେଣି, ଏବେ ତ ଭାରତ ସ୍ୱାଧୀନ ହୋଇଯିବ !'' ସେ ଦୃଢ଼ତା ସହିତ କହିଲେ, ''ଅସମ୍ଭବ !'' ବ୍ରିଟିଶ ମହାନ୍ କୌଶଳୀ ତଥା ଶକ୍ତିଶାଳୀ; ଭାରତକୁ ସ୍ୱତନ୍ତ୍ରତା କଦାପି ଦେବ ନାହିଁ । ଏହିପରି କହିବ, ଶେଷ ମୁହୂର୍ତ୍ତରେ ଏପରି କୌଶଳ କରିବ ଯେ ଭାରତ ସ୍ୱତନ୍ତ୍ରତା ପାଇପାରିବ ନାହିଁ ।'' ଏହାର ଅଳ୍ପଦିନ ପରେ ଭାରତ ସ୍ୱତନ୍ତ୍ର ହେଲା ।

କୌଣସି ଉତ୍ତମ କାର୍ଯ୍ୟ ଆରମ୍ଭ ହୁଏ ଅଳ୍ପ ବ୍ୟକ୍ତିଙ୍କ ଦ୍ୱାରା । ଅବିଶ୍ୱାସ, ସନ୍ଦେହ କରନ୍ତି ବହୁତ ବ୍ୟକ୍ତି । ଏହା ନୂତନ କଥା ନୁହେଁ, ଅନାଦି କାଳରୁ ଉତ୍ତମ କାର୍ଯ୍ୟ ଆରମ୍ଭରେ ଏହିପରି ସନ୍ଦେହ, ଅବିଶ୍ୱାସ, ବାଧାବିଘ୍ନ ଚାଲିଆସୁଅଛି । କିନ୍ତୁ ମନୁଷ୍ୟର ସନ୍ଦେହ, ଅବିଶ୍ୱାସ ଥିବା ସତ୍ତ୍ୱେ ବି ଭଗବାନଙ୍କ ସଙ୍କଳ୍ପ ସଫଳ ହୋଇ ଆସୁଅଛି । ଗୋଟିଏ କାର୍ଯ୍ୟ ବିଫଳ ହେଲେ ଅନ୍ୟ କାର୍ଯ୍ୟ ଯଦି କରା ହେଉ ନ ଥାନ୍ତା, ତେବେ ବ୍ୟକ୍ତିର ତଥା ସଂସାରର ଉନ୍ନତି ହେବାର ରାସ୍ତା ବନ୍ଦ ହୋଇଥାନ୍ତା । କିନ୍ତୁ ଏପରି ହୁଏ ନାହିଁ । ବୈଜ୍ଞାନିକମାନେ ପରୀକ୍ଷାକରି ବାର ବାର ବିଫଳ ହେବା ସତ୍ତ୍ୱେ ବାର ବାର ଚେଷ୍ଟା କରନ୍ତି, ଶେଷରେ ସଫଳ ହୁଅନ୍ତି ।

ଗାନ୍ଧିଜିଙ୍କ ମୌଳିକ ଶିକ୍ଷା, ରବୀନ୍ଦ୍ରନାଥ ଠାକୁରଙ୍କର ଶାନ୍ତିନିକେତନ ଶିକ୍ଷା ସଦୃଶ ପୂର୍ଣ୍ଣାଙ୍ଗ ଶିକ୍ଷା ନୁହେଁ । ସେସବୁ ଶିକ୍ଷାଠାରୁ ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ପୂର୍ଣ୍ଣ ଭିନ୍ନ ।

ପୂର୍ଣ୍ଣାଙ୍ଗ ଶିକ୍ଷା ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗର ଗୋଟିଏ ଧାରା ବା ପ୍ରଣାଳୀ; ଆଗମନୀ ଅତିମାନସ ସତ୍ୟ ଯୁଗ ପ୍ରତିଷ୍ଠାର ଗୋଟିଏ ଭିତ୍ତି । ଏହି ପୃଥିବୀରେ ଅତିମାନସ ସତ୍ୟଯୁଗ ପ୍ରତିଷ୍ଠା ଅବଶ୍ୟମ୍ଭାବୀ । ଯାହା ଭଗବାନଙ୍କର ସଂକଳ୍ପ ଏବଂ ସୃଷ୍ଟିର ଉଦ୍ଦେଶ୍ୟ । ଏହା ସିଦ୍ଧ ହେବ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେବା ଦ୍ୱାରା । ଶ୍ରୀଅରବିନ୍ଦଙ୍କ ଯୋଗର ତିନୋଟି ପଦ୍ଧତି ବା ତିନୋଟି ଧାରା – ପାଠଚକ୍ର, ସାଧନାଳୟ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ।

ଯେଉଁ ଯୋଗ ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ବିକାଶ ସହିତ ଆତ୍ମାର ବିକାଶ ହେବ, ସେଥିରେହିଁ ବ୍ୟକ୍ତିର ହେବ ପୂର୍ଣ୍ଣାଙ୍ଗ । ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ସମ୍ପୂର୍ଣ୍ଣ ମୁକ୍ତ ହେବ ଏବଂ ଏହି ପୃଥିବୀରେ ଦିବ୍ୟ ସ୍ୱର୍ଗ ପ୍ରତିଷ୍ଠା ହେବ । ଏହାହିଁ ଭଗବତ୍ ନିର୍ଦ୍ଦିଷ୍ଟ ।

ବ୍ୟକ୍ତି ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ତାହା ଗ୍ରହଣକରି ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ଯେତେ ଅଗ୍ରସର ହେଉଥିବେ ସେହି ଅନୁପାତରେ ପରିବାରରୁ କଳି, ମନୋମାଳିନ୍ୟ, ସମାଜରୁ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଅଭାବ, ବେକାର ସମସ୍ୟା କ୍ରମଶଃ କମ୍ ହେବାକୁ ଲାଗିବ । ବ୍ୟକ୍ତିର ମନ-ପ୍ରାଣ-ଶରୀରର ସମ୍ବନ୍ଧ ବିଶ୍ୱତତ୍ତ୍ୱ ସହିତ ଥିବାରୁ ବ୍ୟକ୍ତିର ମନ-ପ୍ରାଣ-ଶରୀରର ରୂପାନ୍ତର ହେବା ସଙ୍ଗେ ସଙ୍ଗେ ବିଶ୍ୱତତ୍ତ୍ୱର ରୂପାନ୍ତର ହେବ । କିଛି ସଂଖ୍ୟାରେ ବ୍ୟକ୍ତି ଲକ୍ଷ୍ୟରେ ପହଞ୍ଚିଲେ ବ୍ୟକ୍ତି, ପରିବାର, ସମାଜ, ଦେଶ ତଥା ସଂସାରରୁ ସମ୍ପୂର୍ଣ୍ଣରୂପେ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଅଭାବ ଦୂର ହେବ । ଅଭାବର ମୂଳ କାରଣ ହେଉଛି ତୀବ୍ର ଇଚ୍ଛାର ଅଭାବ, ଶ୍ରମକାତରତା । ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ମାର୍ଗରେ ଜୀବନର ଲକ୍ଷ୍ୟ ଗ୍ରହଣ କରି ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ଅଗ୍ରସର ହେଲେ ତା' ମଧ୍ୟରେ ଥିବା ଅନ୍ୟାନ୍ୟ ଦୋଷତ୍ରୁଟି ଦୂରହେବା ସଙ୍ଗେ ସଙ୍ଗେ ଆଳସ୍ୟ ରୂପାନ୍ତର ହେବ ଏବଂ କାର୍ଯ୍ୟକରିବା ସକାଶେ ତୀବ୍ର ଇଚ୍ଛା ତଥା କାର୍ଯ୍ୟକାରିତା ଶକ୍ତିର ବିକାଶ ହେବ । ବ୍ୟକ୍ତି ତୀବ୍ର ଇଚ୍ଛା ସହ କର୍ମରେ ତତ୍ପର ହେଲେ ନିଜର ଅଭାବ ଦୂରହେବା ସଙ୍ଗେ ସଙ୍ଗେ ଦେଶ ସମୃଦ୍ଧିଶାଳୀ ହେବ ।

କ୍ରମବିକାଶ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଜଡ଼, ପ୍ରାଣର ଓ ମନ ବିଶିଷ୍ଟ ମାନବ ପର୍ଯ୍ୟନ୍ତ ପହଞ୍ଚିଅଛି । ମନୁଷ୍ୟ ମଧ୍ୟରେ ଥିବା ଆତ୍ମାର ବିକାଶ ସମୟ ଆସିଯାଇଛି । ସେହି ସକାଶେ ଶ୍ରୀଅରବିନ୍ଦ ଶ୍ରୀମା ଏହି ସଂସାରକୁ ଆସି ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ଭିନ୍ନ ଭିନ୍ନ ବ୍ୟକ୍ତି ପାଠଚକ୍ର, ସାଧନାଳୟ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଦ୍ୱାରା ରୂପାନ୍ତରକାରିଣୀ ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ସମ୍ବନ୍ଧେ ସଚେତ ହେବେ ଏବଂ ବ୍ୟକ୍ତି, ପରିବାର ତଥା ସମାଜ ପରିଚାଳିତ ହେଉଥିବା କୌଣସି ଉତ୍ତମ କର୍ମକୁ ତ୍ୟାଗ ନ କରି, ଭଗବତ୍ ଉଦ୍ଦେଶ୍ୟରେ ସମ୍ପାଦନ କରି ମା'ଙ୍କୁ ସମର୍ପଣ କରିବେ; ତେବେ ସେମାନଙ୍କ ମଧ୍ୟରେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରିବ । ଯେଉଁମାନଙ୍କର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ, ସେହିମାନେ ହେବେ ଅତିମାନବ ।

ଯଦି କ୍ରମବିକାଶକୁ ବିଶ୍ୱାସ କରିବା, ଯଦି ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବ ବୋଲି ଶ୍ରୀଅରବିନ୍ଦଙ୍କ ଯୋଗକୁ ଗ୍ରହଣକରିବା, ତେବେ ପୂର୍ଣ୍ଣାଙ୍ଗ ଶିକ୍ଷା ସମାଜରେ ପ୍ରଚଳିତ ହେବାରେ ସନ୍ଦେହ କରିବାର ଅବକାଶ ନାହିଁ ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସନ୍ଧିକ୍ଷଣ । ପୁରାତନ ଯୁଗ ସମାପ୍ତ ହୋଇଯାଇଛି; ନୂତନ ଅତିମାନସ ସତ୍ୟଯୁଗ ପୃଥିବୀରେ ପ୍ରତିଷ୍ଠା ହୋଇ ନାହିଁ । ଏହି କାରଣରୁ ପୁରାତନ ଯୁଗର ସମସ୍ତ ପଦ୍ଧତି ଭାଙ୍ଗି ଚୂରମାର ହୋଇଯାଉଅଛି । ପୁରାତନ ନୈତିକ ପଦ୍ଧତି ଭାଙ୍ଗି ଯାଇଥିବା ତଥା ନୂତନ ଅତିମାନସ ସତ୍ୟକୁ ଗ୍ରହଣ ନ କରିଥିବାର ସନ୍ଧିକ୍ଷଣ ଯୋଗୁଁ ବ୍ୟକ୍ତି, ପରିବାର ସମାଜରେ ଅକଳ୍ପନୀୟ ବିଶୃଙ୍ଖଳା ହେଉଅଛି । ଅଧିକ ସଂଖ୍ୟାରେ ବ୍ୟକ୍ତି ଜ୍ଞାତରେ ବା ଅଜ୍ଞାତରେ ଏହି ଅତିମାନସ ଶକ୍ତିକୁ ଗ୍ରହଣ କଲେ କ୍ରମଶଃ ଏହି ବିଶୃଙ୍ଖଳା ଦୂର ହେବ ଏବଂ ସତ୍ୟ ପ୍ରତିଷ୍ଠା ହେବ । ଏହି ରହସ୍ୟ ଜାଣିବାର ବ୍ୟାପକ ଉପାୟ ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷା । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଭାଙ୍ଗିଯିବ ନାହିଁ; କ୍ରମଶଃ ଅଧିକରୁ ଅଧିକ ବ୍ୟାପକରୂପେ ପ୍ରସାରିତ ହେବ ।

ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ବନ୍ଧେ ଅନ୍ୟ ଯୁକ୍ତି ହେଲା – ''ପୂର୍ଣ୍ଣାଙ୍ଗ ଶିକ୍ଷାକୁ ସମାଜରେ ପ୍ରୟୋଗ କରିବାର ବେଳ ଆସି ନାହିଁ । ଉପଯୁକ୍ତ ଶିକ୍ଷକ ମଧ୍ୟ ମିଳିବେ ନାହିଁ ।''

ଭାରତରେ ସ୍ୱରାଜ ଆନ୍ଦୋଳନ ନ କରି ଯଦି ସମୟକୁ ଅପେକ୍ଷା କରି ବସି ରହିବାକୁ ହୋଇଥାନ୍ତା, ତେବେ ଆଜିପର୍ଯ୍ୟନ୍ତ ବି ସମୟ ଆସି ନ ଥାନ୍ତା । ଉପଯୁକ୍ତ ସମୟ ବା ପ୍ରସ୍ତୁତି ଆସେ ବ୍ୟକ୍ତି ପ୍ରଯତ୍ନ କଲେ । ଯଦି ପ୍ରସ୍ତୁତି ବା ସମୟ ପୂର୍ବରୁ ଆସନ୍ତା, ତେବେ ବ୍ୟକ୍ତିକୁ ପ୍ରଯତ୍ନ କରିବାକୁ ବା ପ୍ରସ୍ତୁତ ହେବାକୁ ପଡ଼ନ୍ତା ନାହିଁ । ଅନ୍ୟ ବ୍ୟକ୍ତି ମେସିନ ସଦୃଶ ତାକୁ ପିଟିପାଟି ତିଆରି କରିଦିଅନ୍ତେ ଯେପରି କ୍ରମବିକାଶ ଜଡ଼ରୁ ପଶୁ ପର୍ଯ୍ୟନ୍ତ ହୋଇଥିଲା । ଏହି ନିୟମ ଥିଲା ପଶୁ ପର୍ଯ୍ୟନ୍ତ । ମନୁଷ୍ୟର ବୁଦ୍ଧି ବିକଶିତ ହେବାରୁ ଏହି ନିୟମ ଭଗବାନଙ୍କ ବିଧାନ ଅନୁସାରେ ପରିବର୍ତ୍ତିତ ହୋଇଗଲା । ମନୁଷ୍ୟ ବୁଦ୍ଧିମାନ୍ ହେବାରୁ ତାକୁ ପ୍ରସ୍ତୁତ ହେବାକୁ ହେଲା । କିନ୍ତୁ ତା'ର ପ୍ରସ୍ତୁତିରେ ସାହାଯ୍ୟ କଲେ ଭଗବାନ୍ । ପଶୁ ପଢୁ ନ ଥିଲେ, ଘର କରୁ ନ ଥିଲେ, ଖାଦ୍ୟ ଦ୍ରବ୍ୟ ଉତ୍ପାଦନ କରୁ ନ ଥିଲେ, ରେଳ ମୋଟର କରି ନ ଥିଲେ । ମନୁଷ୍ୟକୁ

ଏହିସବୁ କରିବାକୁ ହେଲା । ଯଦି ଏସବୁ କାର୍ଯ୍ୟ ମନୁଷ୍ୟ କରିପାରେ, ତେବେ ରୂପାନ୍ତର କାର୍ଯ୍ୟର ପ୍ରସ୍ତୁତ ଆପେ ଆପେ ହୋଇଯିବ ! ସେ କିଛି ନ କରି ଖାଲି ଉପରକୁ ଚାହିଁବସିଥିବ !

ସମୟ ଆସିବାର ସ୍ପଷ୍ଟ ନିର୍ବିବାଦ ଲକ୍ଷଣ ହେଉଛି ବ୍ୟକ୍ତିର ଚାହିଁବା ଉତ୍ପନ୍ନ ହେବା; ସମୟ ନ ଆସିଲେ ବ୍ୟକ୍ତିର ଚାହିଁବା ଉତ୍ପନ୍ନ ହୁଏ ନାହିଁ । ଶହେବର୍ଷ ପୂର୍ବେ ରୂପାନ୍ତର ବିଷୟରେ କେହି ଧାରଣା କରି ନ ଥିଲେ । ଚାହିଁବା ହେଲେ ବ୍ୟକ୍ତି ପ୍ରଯତ୍ନ କରେ, ତେବେ ଲକ୍ଷ୍ୟ ସିଦ୍ଧି ଆବଶ୍ୟକ ହୁଏ । ବ୍ୟକ୍ତିର ଚାହିଁବା ଏବଂ କର୍ମର ଶିଥିଳତା ତଥା ତୀବ୍ରତା ଉପରେ କାର୍ଯ୍ୟସିଦ୍ଧିର କମ୍ ବା ବେଶୀ ସମୟ ନିର୍ଭରକରେ । ବ୍ୟକ୍ତିର ଚାହିଁବା ଯେତେ ତୀବ୍ର ହୁଏ, ସେ ସେତେ ଉତ୍ତମ ରୂପେ ପଢ଼ିପାରେ, ଉତ୍ତମ କାର୍ଯ୍ୟ କରିପାରେ, ବ୍ୟବସାୟରେ ଉନ୍ନତି କରେ, ଗବେଷଣାରେ ମଧ୍ୟ ସଫଳତା ପାଏ । ଶ୍ରେଷ୍ଠ ଆଇନଜ୍ଞ ହୋଇପାରେ, ଉତ୍ତମ ଡାକ୍ତର ହୋଇପାରେ, ଉତ୍ତମ ରାଜନୈତିକ ନେତା ହୋଇପାରେ । ତୀବ୍ର ଚାହିଁବାରେ ଭଗବତ୍ ପ୍ରାପ୍ତି ବି ହୋଇଥାଏ । ଶ୍ରୀଅରବିନ୍ଦଙ୍କ ଯୋଗରେହିଁ ସାଧକର ତୀବ୍ର ଚାହିଁବା (ଅଭୀପ୍ସା) ହେଲେ ସେ ତା'ର ମନ, ପ୍ରାଣ, ତଥା ଜଡ଼ ଶରୀରକୁ ମା'ଙ୍କ ଚରଣରେ ସମର୍ପଣ କରିପାରେ ।

ସମର୍ପିତ ମନ-ପ୍ରାଣ ଶରୀରରେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରନ୍ତି । ଏହାର ସମୟ ଆସିବାର ନିର୍ବିବାଦ ପ୍ରମାଣ ହେଉଛି ଚାହିଁବା ଉତ୍ପନ୍ନ ହେବା । ଯେଉଁ ବ୍ୟକ୍ତିମାନଙ୍କ ହୃଦୟ ଉନ୍ମୁକ୍ତ ଅଛି ସେହିମାନଙ୍କର ଚାହିଁବାଉତ୍ପନ୍ନ ହୋଇଅଛି । ସେମାନେ ଅଭାବ, ଦୁଃଖ କଷ୍ଟକୁ ପରୁଆ ନ କରି, ନିଜର ପରିବାର ସ୍ୱାର୍ଥ ତ୍ୟାଗ କରି ପ୍ରାଣପଣେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରତିଷ୍ଠା କାର୍ଯ୍ୟରେ ଲାଗିପଡ଼ିଛନ୍ତି । ଏହା ବନ୍ଦ ହେବ ନାହିଁ, କ୍ରମଶଃ ଅଧିକରୁ ଅଧିକ ପ୍ରସାରିତ ହେବ ।

କୌଣସି କାର୍ଯ୍ୟ ଆରମ୍ଭରେ ଅଳ୍ପ ସଂଖ୍ୟକ ବ୍ୟକ୍ତି ଆରମ୍ଭ କରନ୍ତି । ପରେ କ୍ରମଶଃ ଏହାର ପ୍ରସାର ହୁଏ । ଯେପରି ସ୍ୱରାଜ ଆନ୍ଦୋଳନରେ ହୋଇଥିଲା । ''ପୂର୍ଣ୍ଣାଙ୍ଗ ଶିକ୍ଷା ସମାଜରେ ପ୍ରୟୋଗ କରିବାର ବେଳ ଆସି ନାହିଁ ।'' — ଏହା ଯଦି ଠିକ୍ ହୁଏ ତେବେ ଆଶ୍ରମ ବିଦ୍ୟାଳୟରେ ଗୋଟିଏ ଗୋଟିଏ ପିଲାଙ୍କୁ ଶିକ୍ଷାଦେବା ସକାଶେ ଗୋଟିଏ ପରିବାର କିଂବା ସେ ପିଲାର ମା' ପଣ୍ଡିଚେରୀରେ ଘରଭଡ଼ା ନେଇ ପିଲାକୁ ପାଖରେ ରଖି ରହୁଛନ୍ତି କାହିଁକି ? ଏବଂ ଆଶ୍ରମ ବିଦ୍ୟାଳୟରେ ପିଲାଙ୍କୁ ପଢ଼ାଉଛନ୍ତି ବା କାହିଁକି ? ଏହା ଏକେବାରେ ପ୍ରତ୍ୟକ୍ଷ ଘଟଣା । ଗୋଟିଏର ପରିବାର ନୁହେଁ, କେତେକ ପରିବାର କେବଳ ଗୋଟିଏ ପିଲାକୁ ଶିକ୍ଷାଦେବା ସକାଶେ ପଣ୍ଡିଚେରୀରେ ରହିଅଛନ୍ତି । କାରଣ ଅତି ଛୋଟ ପିଲାଙ୍କୁ ବୋଡ଼ିଂରେ ରଖା ହୁଏ ନାହିଁ ।

କହିପାରନ୍ତି, ''ଆଶ୍ରମ ସ୍କୁଲ ସହିତ ବାହାରେ ହେଉଥିବା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ତୁଳନା କରାହୋଇ ପାରିବ ନାହିଁ ।'' କିନ୍ତୁ ୧୯୪୨ରେ ଯେତେବେଳେ ଆଶ୍ରମରେ ସ୍କୁଲ ଆରମ୍ଭ ହୋଇଥିଲା, ସେତେବେଳେ ଦୁଇ ଚାରିଟି ପିଲାଙ୍କୁ ନେଇ ଜଣେ ମାଷ୍ଟର ପଢ଼ାଉଥିଲେ । ସେତେବେଳେ ପୂର୍ଣ୍ଣାଙ୍ଗ ଶିକ୍ଷାର କୌଣସି ପ୍ରଣାଳୀ ନ ଥିଲା । କେବଳ ସାଧାରଣ ପ୍ରଣାଳୀରେ ଆରମ୍ଭ ହୋଇଥିଲା । ପରେ ତାହା ବିକାଶ କରିଚାଲିଲା । ବର୍ତ୍ତମାନ ମଧ୍ୟ ପୂର୍ଣ୍ଣତାପ୍ରାପ୍ତ ହୋଇ ନାହିଁ, ବିକାଶ ମାର୍ଗରେ ଗତିକରି ଚାଲିଛି । ଯେତେବେଳେ କିଛି ସାଧକମାନଙ୍କର ପୂର୍ଣ୍ଣ ରୂପାନ୍ତର ହେବ, ସେତେବେଳେ ପୂର୍ଣ୍ଣାଙ୍ଗ ଶିକ୍ଷା ମଧ୍ୟ ପୂର୍ଣ୍ଣତା ପ୍ରାପ୍ତ ହେବ ।

ଅନ୍ୟ ଯୁକ୍ତି ହେଲା — ପୂର୍ଣ୍ଣାଙ୍ଗ ଶିକ୍ଷା ସକାଶେ ଉପଯୁକ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମିଳିବେ ନାହିଁ ।''

ଏହି ଯୁକ୍ତି ଅନୁସାରେ ବିଚାର କଲେ ଦେଖିବା ବର୍ତ୍ତମାନ ଆଶ୍ରମ ସ୍କୁଲରେ ସେପରି ଉପଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନାହାନ୍ତି । ଆଶ୍ରମରେ ମଧ୍ୟ ଜଣେ ସାଧକଙ୍କର ମନ-ପ୍ରାଣ-ଶରୀର ରୂପାନ୍ତର ହୋଇ ନାହିଁ । ଆଶ୍ରମ ଆଦର୍ଶରେ ବାହାରେ ସାଧନାଳୟ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହୋଇଅଛି । ଆଶ୍ରମ ଶିକ୍ଷାକେନ୍ଦ୍ରରେ ଉପଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଆଶ୍ରମରେ ଉପଯୁକ୍ତ ସାଧକ ନ ଥିବା ସତ୍ତ୍ୱେ ଆଶ୍ରମ ତଥା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଯଦି ପରିଚାଳିତ ହେଉଅଛି, ସେହିପରି ବାହାରେ ଉପଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନ ଥାଇ ମଧ୍ୟ ତାହା ପରିଚାଳିତ ହେବ । ବନ୍ଦ ହେବାର କୌଣସି କାରଣ ନାହିଁ ।

ପୂର୍ବେ ଆଲୋଚନା ହୋଇଛି, ''ପୂର୍ଣ୍ଣାଙ୍ଗ ଶିକ୍ଷା କେବଳ ପ୍ରଚଳିତ ଶିକ୍ଷା ସଦୃଶ ନୁହେଁ । ଏହା ଜୀବନର ଲକ୍ଷ୍ୟପ୍ରାପ୍ତିର ସାଧନା । ବ୍ୟକ୍ତି ଯେତେବେଳେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସାଧନା ମାର୍ଗରେ ପ୍ରବେଶ କରନ୍ତି, ତାଙ୍କର

ସେତେବେଳେ ଭଗବତ୍ ପ୍ରାପ୍ତିର ସମସ୍ତ ବିରୋଧୀ ଗୁଣଧର୍ମ – କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ ବିଦ୍ୟମାନ ଥାଏ । ସାଧକ କେବଳ ତୀବ୍ର ଇଚ୍ଛା ନେଇ ସାଧନା ମାର୍ଗରେ ପ୍ରବେଶ କରନ୍ତି । ସାଧନାରେ ଅଗ୍ରସର ହେବା ଅନୁପାତରେ ତା'ର ସମସ୍ତ ଦୋଷ କ୍ରମଶଃ ଦୂର ହୁଏ । ପ୍ରତ୍ୟେକ କର୍ମକ୍ଷେତ୍ରରେ ଏହାହିଁ ନିୟମ ।

ବ୍ୟକ୍ତି ଆଇ. ଏ. ଏସ୍. ପାସ୍ କରନ୍ତି, ଚାକିରି ବି ପାଆନ୍ତି, କିନ୍ତୁ ଉପଯୁକ୍ତତା ପ୍ରାପ୍ତକରିବା ସକାଶେ ଟ୍ରେନିଂ ନିଅନ୍ତି; କାର୍ଯ୍ୟରେ ଅଭିଜ୍ଞତା ପ୍ରାପ୍ତ ହେଲେ ସେ ଉପଯୁକ୍ତ ଅଫିସର ହୁଅନ୍ତି । ଏହିପରି ହୁଏ ଡାକ୍ତର, ଇଞ୍ଜିନିୟର ତଥା ଓକିଲଙ୍କର । ସବୁ କ୍ଷେତ୍ରରେ ଯଦି କାର୍ଯ୍ୟ କରିବା ଦ୍ୱାରା ଅଭିଜ୍ଞତା ପ୍ରାପ୍ତ ହେଲେ ବ୍ୟକ୍ତି ଉପଯୁକ୍ତ ହୁଅନ୍ତି, ତେବେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ ଶିକ୍ଷୟିତ୍ରୀ ଆରମ୍ଭରୁ ଉପଯୁକ୍ତ ହୁଅନ୍ତେ କିପରି ?

ରୂପାନ୍ତର ଯୋଗରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ଆବଶ୍ୟକ । କିନ୍ତୁ ଯେଉଁମାନେ ଗାର୍ହସ୍ଥ୍ୟାଶ୍ରମରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ନ କରି 'ମା', ଏହି ନାମ ଜପ କରୁଛନ୍ତି, ସମସ୍ତ କର୍ମ ମା'ଙ୍କୁ ସମର୍ପଣ କରୁଛନ୍ତି, ଘର ପରିବାର ସବୁକିଛି ମା'ଙ୍କର ମନେକରି ମା'ଙ୍କ ସେବା ଭାବରେ ସମସ୍ତ କର୍ମ କରି ମା'ଙ୍କୁ ସମର୍ପଣ କରୁଛନ୍ତି, ନିୟମିତ ଧ୍ୟାନ କରୁଛନ୍ତି ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥ ଅଧ୍ୟୟନ କରୁଛନ୍ତି, ପାଠଚକ୍ର, ସେମିନାର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରୁଅଛନ୍ତି, ଏମାନଙ୍କର ସାଧନା କରିବା ଦ୍ୱାରା କ୍ରମଶଃ ପ୍ରାଣ ଶୁଦ୍ଧ ହେବ ଏବଂ ଗାର୍ହସ୍ଥ୍ୟାଶ୍ରମରେ ରହି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବେ । ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରିବା ଦ୍ୱାରା ବହୁତ ସଂଖ୍ୟାରେ ସାଧକ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରୁଅଛନ୍ତି । ସେହିମାନେ ଯଦି ସାଧନା କରି ନ ଥାନ୍ତେ ତେବେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ କଦାପି ପାଳନ କରିପାରି ନ ଥାନ୍ତେ । ସାଧନାର ପ୍ରଣାଳୀ ହେଉଛି ବ୍ୟକ୍ତି ଯେଉଁ ପରିସ୍ଥିତିରେ ଅଛନ୍ତି ସେହି ପରିସ୍ଥିତିରେ ତାଙ୍କର ଅଭୀପ୍ସା ଉତ୍ପନ୍ନ ହେଲେ ସେ ସାଧନା ଆରମ୍ଭ କରିବେ । ସାଧନାରେ ପ୍ରଗତି ଅନୁସାରେ କ୍ରମଶଃ ଦୋଷ ଦୁର୍ଗୁଣ ଦୂର ହେବ ।

ଯେଉଁମାନେ ଗୃହ, ପରିବାର ତ୍ୟାଗକରି ବହ୍ମଚର୍ଯ୍ୟ ପାଳନପୂର୍ବକ ସାଧନା କରନ୍ତି, ସେମାନଙ୍କର ମଧ୍ୟ ଅନ୍ୟାନ୍ୟ ଦୁର୍ଗୁଣସବୁ ଥାଏ । ସାଧନାର ଉନ୍ନତି ଅନୁସାରେ ସେମାନଙ୍କର ଦୋଷତ୍ରୁଟିର ରୂପାନ୍ତର ହୁଏ । ଠିକ୍ ସେହିପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ।

ବର୍ତ୍ତମାନ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ଆମେ ଯେଉଁ ଦୃଷ୍ଟିରେ ଦେଖୁଛୁ ସେହି ଦୃଷ୍ଟି ଅନୁସାରେ ଆମେ କହିଥାଆନ୍ତୁ, ''ବ୍ରହ୍ମଚର୍ଯ୍ୟ ପାଳନ କରୁଥିବା ବ୍ୟକ୍ତି ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରିପାରିବେ ନାହିଁ; ସେମାନେ ସାଧକ ନୁହନ୍ତି ।'' ଆମରି କହିବା ଯଦି ଯଥାର୍ଥ ହୁଅନ୍ତା ତେବେ ଗାର୍ହସ୍ଥ୍ୟାଶ୍ରମର ବ୍ୟକ୍ତି କେହି ବି ସାଧନା କରନ୍ତେ ନାହିଁ କିଂବା ପରେ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତେ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗ ଅନୁସାରେ ପୃଥିବୀରେ ଯେଉଁ ଅତିମାନବ-ଜାତି ପ୍ରତିଷ୍ଠା ହେବା କଥା ତାହା ହୋଇପାରନ୍ତା ନାହିଁ ।

ଅତଏବ ବର୍ତ୍ତମାନ ସମାଜ ଯେଉଁ ପରିସ୍ଥିତିରେ ଅଛି ସେହି ପରିସ୍ଥିତିରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କୁ ବୋର୍ଡ଼ ଅଧୀନରେ ପରୀକ୍ଷାଦେବା ଛଡ଼ା ଅନ୍ୟ ଉପାୟ ନାହିଁ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧିକ ସଂଖ୍ୟାରେ ହେଲେ ସେତେବେଳେ ସମାଜ ତଥା ଗଭର୍ଣ୍ଣମେଣ୍ଟ ପୂର୍ଣ୍ଣାଙ୍ଗ ଶିକ୍ଷାର ଉପଯୋଗିତା ଏବଂ ଆବଶ୍ୟକତା ହୃଦୟଙ୍ଗମ କରିବେ ଏବଂ ତାକୁ ସ୍ୱୀକୃତି ଦେବେ । ଏହି ଅବସ୍ଥାକୁ ଅପେକ୍ଷାକରି ବସି ରହିଲେ ଏ ପରିସ୍ଥିତି କଦାପି ଆସିବ ନାହିଁ । ବର୍ତ୍ତମାନ ଯେପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହେଉଛି, ଏହିପରି ଅଧିକରୁ ଅଧିକ ହେଲେ ସେ ପରିସ୍ଥିତି ନିଶ୍ଚୟ ଆସିବ ।

ପ୍ରଶ୍ନ : ମୁଁ ଗୋଟିଏ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବିଷୟରେ ଜାଣେ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ଯେଉଁମାନେ ପରିଚାଳନା କରୁଛନ୍ତି ସେମାନଙ୍କର ପୂର୍ଣ୍ଣାଙ୍ଗ ଶିକ୍ଷା ସହିତ କୌଣସି ପରିଚୟ ନାହିଁ । ତାହା ସାଧାରଣ ସ୍କୁଲରେ ପରିଣତ ହୋଇଯାଇଛି । ଏହା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ହେବ କିପରି ?

ଉତ୍ତର : ନୌକା ଦ୍ୱାରାହିଁ ପାରିହେବାକୁ ପଡ଼େ । ଥରେ ଗୋଟିଏ ନୌକା ବୁଡ଼ିଗଲେ କ'ଣ ନୌକାରେ ନଦୀ ପାରିହେବା ବନ୍ଦ ହୋଇଯାଏ ? ରେଳ, ବିମାନର ଦୁର୍ଘଟଣା ହୁଏ, ସେ ସକାଶେ ରେଳ, ବିମାନ ଚଳାଚଳ ବନ୍ଦ ହୋଇଯାଏ ?

କୁମ୍ଭାର ହାଣ୍ଡି ଗଢ଼ିବାଠାରୁ ପୋଡ଼ିବା ପର୍ଯ୍ୟନ୍ତ କେତେକ ଭାଙ୍ଗିଯାଏ । ଶେଷରେ ଯେତିକି ରହେ ତାହାହିଁ ପୋଡ଼ା ହୁଏ । ସ୍ୱରାଜ ଆନ୍ଦୋଳନ ସମୟରେ ବ୍ରିଟିଶ୍ ଗଭର୍ଣ୍ଣମେଣ୍ଟ୍ ବହୁତ ନିର୍ଯାତନା ଦେବାରୁ କେତେକ ବ୍ୟକ୍ତି ସ୍ୱରାଜ ଆନ୍ଦୋଳନ ଛାଡ଼ିଦେଲେ । କ'ଣ ସେହିମାନଙ୍କ ଯୋଗୁଁ ଆନ୍ଦୋଳନ ବନ୍ଦ ହୋଇଥିଲା ? ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବହୁ ପରିମାଣରେ ହେବ; ସେଥିରୁ ଦୁଇଚାରିଟା ଭାଙ୍ଗିଗଲେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରଚଳିତ ହେବାରେ ବାଧା ପଡ଼ିବ କାହିଁକି ? ଗଛରେ ଯେତେ ଫଳ ଫଳେ, ପାଚିବା ପର୍ଯ୍ୟନ୍ତ ଯେତିକି ରହେ ସେତିକି ମାତ୍ର କାମରେ ଆସେ । କୌଣସି ସଂସ୍ଥା, କୌଣସି କାର୍ଯ୍ୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚାଲେ ନାହିଁ । ସ୍କୁଲରେ ବହୁତ ପିଲା ପଢ଼ନ୍ତି, କିନ୍ତୁ କିଛି ପିଲା ଉତ୍ତୀର୍ଣ୍ଣ ନ ହୋଇ ପଢ଼ା ଛାଡ଼ିଦିଅନ୍ତି । କେତେକ ପିଲା ପଢ଼ା ଛାଡ଼ିଦେବା ଯୋଗୁଁ କ'ଣ ସ୍କୁଲ ବନ୍ଦ ହୋଇଯାଏ ? କେତେକ ବ୍ୟକ୍ତି ଘର, ପରିବାର ତ୍ୟାଗ କରି ଆଶ୍ରମ ଆସି, ଆଶ୍ରମରେ ରହି ସାଧନା କରନ୍ତି; କିଛି ବର୍ଷ ରହିବା ପରେ ପୁନରାୟ ଗୃହସ୍ଥାଶ୍ରକୁ ଫେରିଯାଆନ୍ତି । ସେମାନଙ୍କ ଯୋଗୁଁ କ'ଣ ଆଶ୍ରମ ବନ୍ଦ ହୋଇଯାଏ ? ଯଦି ନୁହେଁ, ତେବେ ଗୋଟିଏ ସ୍କୁଲ ଠିକ୍ ନ ଚାଲିବା ଯୋଗୁଁ ପୂର୍ଣ୍ଣାଙ୍ଗ ଶିକ୍ଷା ଚଳିବ ନାହିଁ କାହିଁକି ?

## ଗୋଟିଏ କ୍ଷୁଦ୍ର ଗଳ୍ପ :

ଜଣେ ବ୍ୟକ୍ତି ବହୁତ ବଡ଼ ଲୋକ ଘରେ ଜନ୍ମ ହୋଇଥିଲେ । ସେ ପିଲାଦିନୁ କେବେ ଚାଲିକରି କେଉଁଠାକୁ ଯାଇ ନ ଥିଲେ । ସବୁ ସମୟରେ ମୋଟର ଏବଂ ରେଳରେ ଯାତ୍ରା କରିବାକୁ ହେଉଥିଲା । ନୌକାରେ ନଦୀ ପାର ହେବାର ଅବସର ମିଳି ନ ଥିଲା । ତାଙ୍କ ପିତାଙ୍କର ମୃତ୍ୟୁ ପରେ ଘରର ଯାବତୀୟ ଦାୟିତ୍ୱ ତାଙ୍କ ଉପରେ ପଡ଼ିଲା । ଦିନେ ସେ କୌଣସି ବିଶେଷ ଆବଶ୍ୟକ ଯୋଗୁଁ ତାଙ୍କୁ ଚାଲିକରି ଯିବାକୁ ପଡ଼ିଲା । ରାସ୍ତାରେ ଥିଲା ଗୋଟିଏ ବଡ଼ ନଦୀ । ତାକୁ ନୌକାରେ ପାରହେବା ସମୟରେ ବହୁତ ଭୟ ହେଲା । ସେ ଭାବିଲେ, ''ନୌକାରେ ନଦୀ ପାର ହେଲେ ନୌକା ବୁଡ଼ିଯିବାର ବହୁତ ସମ୍ଭାବନା ଅଛି । ବିଶେଷ ବିପଦ ରହିଛି ନୌକାର ମାଝି ଉପରେ !'' ସେ ସନ୍ଦେହ କରି ନାବିକକୁ ପଚାରିଲେ, ''ତୁମ ପିତା ଅଛନ୍ତି ?'' ସେ ଉତ୍ତରଦେଲେ, ''ନାହିଁ, ମୋ ପିତାଙ୍କର ମୃତ୍ୟୁ ହୋଇଛି ଏହି ନଦୀରେ । ଥରେ ନୌକା ବାହୁଥିବା ସମୟରେ ବହୁ ଜୋରରେ ବତାସ ଆସିଲା, ନୌକାଟି ଜଳଧାରାରେ ଓଲଟି ପଡ଼ିଲା । ମୋ ପିତା ପହଁରିବା ସମୟରେ ନୌକାରୁ ପଡ଼ିଯାଇଥିବା ବହୁତ ଲୋକ ଜୀବନ ବିକଳରେ ମୋ ପିତାଙ୍କ ହାତ ଗୋଡ଼କୁ ଜାବୁଡ଼ି ଧରିଲେ । ସେ ପହଁରି ପାରିଲେ ନାହିଁ । ବୁଡ଼ି ମଲେ ଏବଂ ତାଙ୍କୁ ଜାବୁଡ଼ି ଧରିଥିବା ଲୋକମାନେ ବି ମୃତ୍ୟୁ ବରଣ କଲେ ।'' ନବାଗତ ଯାତ୍ରୀ ଆଶ୍ଚର୍ଯ୍ୟହୋଇ ପଚାରିଲେ, ''ତୁମେ ଏପରି ଦୁର୍ଘଟଣା ଜାଣିବା ସତ୍ତ୍ୱେ ଏହି ନଦୀରେ ନୌକା ଚଳାଉଛ କିପରି ?'' ନାବିକ ଗୋଟିଏ ମିନିଟ ନୀରବ ରହି ତାଙ୍କୁ ପଚାରିଲେ, ''ଆପଣଙ୍କର ପିତା ଏବଂ ପ୍ରପିତାଙ୍କ ମୃତ୍ୟୁ ହୋଇଛି କେଉଁଠି ?'' ସେ ଉତ୍ତର ଦେଲେ, ''ଘରେ'' । ''ଆପଣ ଜାଣିବା ସତ୍ତ୍ୱେ ସେହି ଘରେ ରହିଛନ୍ତି କିପରି ?'' ନାବିକ ପଚାରିଲେ । ଯାତ୍ରୀ ନିଜର ନିରାଧାର ଯୁକ୍ତି ବିଷୟ ଅବଗତ ହୋଇ ମଥା ତଳକୁ କରିଦେଲେ ।

କୌଣସି ନୂତନ କାର୍ଯ୍ୟ ଆରମ୍ଭରେ କେତେଗୁଡ଼ିଏ ସଂସ୍ଥା ଗଢ଼ିଉଠେ; ତା' ମଧ୍ୟରୁ କିଛି ଭାଙ୍ଗିଯାଏ, କିଛି ସଂସ୍ଥା ଭାଙ୍ଗିଯିବା ଯୋଗୁଁ ଅବଶିଷ୍ଟ ସଂସ୍ଥାସବୁକୁ ବନ୍ଦ କରି ଦିଆ ହୁଏ ନାହିଁ ।

ପ୍ରଶ୍ନ : ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଯେଉଁମାନେ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି ସେମାନେ ପୂର୍ଣ୍ଣାଙ୍ଗ ଶିକ୍ଷା ବିଷୟରେ କିଛି ଜାଣନ୍ତି ନାହିଁ । ଅତଏବ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରବର୍ତ୍ତିତ ହେବ କିପରି ?

ଉତ୍ତର : ଗୋଟିଏ ନୂତନ ଗୃହ ପରିକଳ୍ପନା କରିବା ସଙ୍ଗେ ସଙ୍ଗେ ଗୋଟିଏ ଦିନରେ ଘରର ଭିତ୍ତିସ୍ଥାପନ ସହିତ କ'ଣ ଘରର ଛାତ ପଡ଼ିଯାଏ ? ଯଦି ନ ପଡ଼େ ତେବେ ଆମେ କହିବା, ଏ ଘର ହେବ କିପରି ? ଏତେ ଲୋକ ରହିବେ କିପରି ? ଏହି ଗୃହର ଭିତ୍ତିହିଁ ବୃଥା । ଏଥିରେ ଏପରି ଧାରଣା କରିବା ଯୁକ୍ତିଯୁକ୍ତ କି ? ଆଦୌ ନୁହେଁ । ପ୍ରଥମରେ ଘର ହେବା ସମ୍ଭବ ନୁହେଁ, କେବଳ ଭିତ୍ତିସ୍ଥାପନହିଁ ହୋଇଥାଏ । ପରେ ଖମ୍ଭ ଏବଂ କାନ୍ଥ ଉଠିବା ପରେ ଛାତ ପଡ଼େ ।

ପ୍ରଚଳିତ ଶିକ୍ଷାରେ ମଧ୍ୟ ପ୍ରାଇମେରି ସ୍କୁଲ ଆରମ୍ଭ ସଙ୍ଗେସଙ୍ଗେ ବିଶ୍ୱବିଦ୍ୟାଳୟ ହୋଇ ନ ଥିଲା । କ୍ରମଶଃ ମାଇନର ସ୍କୁଲ, ମେଟ୍ରିକ୍ ସ୍କୁଲ, ଶିକ୍ଷକ ଟ୍ରେନିଂ ସ୍କୁଲ, ପରେ କଲେଜ ହୋଇଥିଲା । ଏହିପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ମଧ୍ୟ ଆସ୍ତେ ଆସ୍ତେ ହେବ ଏବଂ ଉପଯୁକ୍ତ ଶିକ୍ଷକ ମଧ୍ୟ ହେବେ ।

ପୂର୍ଣ୍ଣାଙ୍ଗ ଶିକ୍ଷାର ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଲକ୍ଷ୍ୟ ହେଉଛି ଅଧ୍ୟାତ୍ମ ସତ୍ୟ ଉପଲବ୍ଧି । ଏତିକି ଗୁଣ ସେମାନଙ୍କର ଥିଲେ ସେମାନେ ପୂର୍ଣ୍ଣାଙ୍ଗ ଶିକ୍ଷାର ଯୋଗ୍ୟତା ଆସ୍ତେ ଆସ୍ତେ ପ୍ରାପ୍ତ କରିପାରିବେ । ପୂର୍ବେ କୁହାହୋଇଛି ପୂର୍ଣ୍ଣାଙ୍ଗ ଶିକ୍ଷାର ଭିତ୍ତି ଆଧ୍ୟାତ୍ମିକତା । ଶିକ୍ଷକ ଶିକ୍ଷୟିତ୍ରୀମାନେ ସାଧକ । ସେମାନେ ବିଦ୍ୟାଶିକ୍ଷା ଦେବା କାର୍ଯ୍ୟକୁ ସାଧନାରୂପେ ଗ୍ରହଣ କରିଥାଆନ୍ତି । ସେମାନଙ୍କର ହାଜିରା ପକାଇ ବେତନ ନେବା ଉଦ୍ଦେଶ୍ୟ ନ ଥାଏ । ସେମାନଙ୍କ ଉଦ୍ଦେଶ୍ୟ ଥାଏ ଉତ୍ତମରୂପେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦେବା । ଅତଏବ ସେମାନେ ପିଲାଙ୍କୁ ନ ମାରି ସେମାନଙ୍କ (ପିଲାଙ୍କ) ସ୍ୱଭାବ ଅନୁସାରେ ସେମାନଙ୍କୁ ସ୍ନେହ କରି ବୁଝେଇ ଗଳ୍ପ ଛଳରେ ଶିକ୍ଷା ଦିଅନ୍ତି । ଏହି ପ୍ରଣାଳୀରେ ପିଲାମାନେ ଆଗ୍ରହରେ ପଢ଼ନ୍ତି । ମାଡ଼ ଭୟ ନ ହେବାରୁ ସେମାନଙ୍କର ଅନ୍ତର ବିକାଶ ଅବାଧରେ ହୁଏ । ବାଲ୍ୟାବସ୍ଥାରୁ ସେମାନଙ୍କର ବ୍ୟବହାର ପରିବର୍ତ୍ତନ ହେବାକୁ ଆରମ୍ଭ କରେ । ଏହି ଅଭିଜ୍ଞତା ଯେଉଁ ପିତାମାତାଙ୍କୁ ହେଉଛି ସେମାନେ ନିଜ ପିଲାଙ୍କୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷା ଦେବା ସକାଶେ ସତତ ଚେଷ୍ଟା କରୁଛନ୍ତି । ସେମାନଙ୍କର ଅନ୍ୟ ସ୍ଥାନକୁ ବଦଳି ହେଲେ ପିଲାଙ୍କୁ ଛାତ୍ରାବାସରେ ରଖିବାକୁ ବରାବର ଚାହୁଁଅଛନ୍ତି ।

ପୂର୍ଣ୍ଣାଙ୍ଗ ଶିକ୍ଷା ଏକେବାରେ ଆରମ୍ଭିକ ଏବଂ ଅବିକଶିତ; ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ ଶିକ୍ଷୟିତ୍ରୀ ପୂର୍ଣ୍ଣ ଅଭିଜ୍ଞ ନୁହନ୍ତି । ଏପରି ସ୍ଥଳେ ଯଦି ପ୍ରଚଳିତ ସ୍କୁଲଠାରୁ ଏହା ପିଲାମାନଙ୍କୁ ଉତ୍ତମ ଶିକ୍ଷା ଦେଇପାରୁଛନ୍ତି ତେବେ ସେମାନଙ୍କର ଉନ୍ନତି ହେବା ସ୍ୱାଭାବିକ । ଏପରି ସ୍ଥଳେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରବର୍ତ୍ତିତ ହେବ ନାହିଁ ବୋଲି କହିବା ଉଚିତ ହେବ କି ?

ପ୍ରଶ୍ନ : ମୋର ଧାରଣା — ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ପଣ୍ଡିଚେରୀରେ ପୂର୍ଣ୍ଣାଙ୍ଗ ଶିକ୍ଷା ଯେପରି ପ୍ରବର୍ତ୍ତିତ ହୋଇଛି, ତାହା ଅନ୍ୟତ୍ର କଦାପି ହୋଇପାରିବ ନାହିଁ । ଅନ୍ୟତ୍ର କରିବାକୁ ଆଶା କରିବା ମରୀଚିକାରୁ ଜଳପାନ କରିବା ସଦୃଶ ଆଶା ନିରାଶାରେ ପରିଣତ ହେବା । ଆଶ୍ରମ ଛଡ଼ା ଅନ୍ୟ ସ୍ଥାନରେ ପୂର୍ଣ୍ଣାଙ୍ଗ ଶିକ୍ଷା କଦାପି ହୋଇପାରିବ ନାହିଁ ।

ଉତ୍ତର : ମରୀଚିକାରୁ ଜଳପାନ କରିବା ସକାଶେ ଆଶା କେହି ରଖନ୍ତି ନାହିଁ । କୌତୂହଳରେ କେବଳ ଦେଖନ୍ତି । ପୂର୍ଣ୍ଣାଙ୍ଗ ଶିକ୍ଷା ମରୀଚିକା ସଦୃଶ ଯଦି ଜଳଶୂନ୍ୟ ହୋଇଥାଆନ୍ତା, ତେବେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରଣାଳୀରେ ପରିଚିତ ପିତାମାତା ନିଜ ନିଜ ପିଲାଙ୍କୁ ସେଥିରେ ଶିକ୍ଷାଦେବା ସକାଶେ ଏତେ ଆଗ୍ରହ କରନ୍ତେ କାହିଁକି ? ମରୀଚିକାରୁ କାହାରିକୁ ଜଳ ମିଳେ ନାହିଁ । କିନ୍ତୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ଛାତ୍ରଛାତ୍ରୀମାନଙ୍କୁ ସାଧାରଣ ସ୍କୁଲ ଅପେକ୍ଷା ଉତ୍ତମ ଶିକ୍ଷା ମିଳେ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପିତାମାତା ବଦଳି ହୋଇ ଅନ୍ୟ ସ୍ଥାନକୁ ଗଲେ ପିଲାମାନେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ବିଦାୟ ନେବା ସମୟରେ କାନ୍ଦନ୍ତି । କେତେକ ଅଭିଭାବକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ନିଜ ପିଲାଙ୍କୁ ପଢ଼ାଇବା ସକାଶେ ଦୁଇ ତିନି ମାଇଲ ଦୂରରୁ ପିଲାଙ୍କୁ ପଠାଉଅଛନ୍ତି । ବହୁତ ଆଗ୍ରହରେ ଦୂରରୁ ପିଲାମାନଙ୍କୁ ଆସିବା ଯିବାରେ ବହୁତ ଖର୍ଚ୍ଚ କରୁଅଛନ୍ତି । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ସାଧାରଣ ସ୍କୁଲ ତୁଳନାରେ ଭଲ ପଢ଼ିପାରୁଥିବାରୁ, ଭଲ ଆଚରଣ କରୁଥିବାରୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧିକରୁ ଅଧିକ ବିକାଶ ହେବ ଏବଂ ଅଧିକରୁ ଅଧିକ ବ୍ୟାପକ ଭାବେ ପ୍ରତିଷ୍ଠିତ ହେବ ।

ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପଢ଼ିବା ସଙ୍ଗେ ସଙ୍ଗେ ବ୍ୟାୟାମ କରୁଛନ୍ତି, ନୃତ୍ୟ, ସଙ୍ଗୀତ ଶିକ୍ଷା ଦ୍ୱାରା ସେମାନଙ୍କର ମନର ବିକାଶ ସହିତ ପ୍ରାଣ ଏବଂ ଶରୀରର ବିକାଶ ହେଉଛି । ପୂର୍ଣ୍ଣାଙ୍ଗ ଶିକ୍ଷାର ଭିତ୍ତି ଆଧ୍ୟାତ୍ମିକତା ହୋଇଥିବାରୁ ସେମାନଙ୍କର ଅଜ୍ଞାତରେ ସେମାନଙ୍କର ଆତ୍ମାର ବିକାଶ ମଧ୍ୟ ହେଉଛି । ମନୁଷ୍ୟ ଜୀବନର ପୂର୍ଣ୍ଣତା ସକାଶେ ଯେଉଁ ସର୍ବାଙ୍ଗୀନ ବିକାଶ ତାହା ସଂସ୍କାରରୂପେ ଛାତ୍ରଛାତ୍ରୀମାନଙ୍କ ଅନ୍ତରରେ ପ୍ରତିଷ୍ଠିତ ହେଉଅଛି । ବାଲ୍ୟାବସ୍ଥାର ସଂସ୍କାର କେବେ ବି ନଷ୍ଟ ହୁଏ ନାହିଁ । ତାହା ସୁଯୋଗ ପାଇଲେ ବୟସ ସଙ୍ଗେ ସଙ୍ଗେ ବୃଦ୍ଧି ହୁଏ ।

ପ୍ରଚଳିତ ସ୍କୁଲ ଅପେକ୍ଷା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କୁ ଜୀବନର ସର୍ବାଙ୍ଗୀନ ବିକାଶର ଭିତ୍ତି

ସ୍ଥାପନ ସଦୃଶ ପୂର୍ଣ୍ଣାଙ୍ଗ ଶିକ୍ଷା ଦିଆହେଉଥିବାରୁ ମରୀଚିକାରେ ଜଳର ଆଶା ନିରାଶାରେ ପରିଣତ ହେବା ସଦୃଶ ହେବ ନାହିଁ ।

''ଆଶ୍ରମର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଦୃଶ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅନ୍ୟତ୍ର କଦାପି ହୋଇପାରିବ ନାହିଁ '' – ଏହା ଯଦି ମାନ୍ୟ ହୁଏ ତେବେ ଆଶ୍ରମ ସାଧକମାନଙ୍କ ସଦୃଶ ବାହାରେ କେହି ସାଧକ ହୋଇ ପାରିବେ ନାହିଁ, ବାହାରେ କୌଣସି ସାଧକର ରୂପାନ୍ତର ହେବ ନାହିଁ । କାରଣ ପୂର୍ଣ୍ଣାଙ୍ଗ ଶିକ୍ଷା ଶ୍ରୀଅରବିନ୍ଦଙ୍କ ଯୋଗର ଏବଂ ଆଶ୍ରମର ଗୋଟିଏ ଭାଗ । ତେବେ ତ ଯେଉଁ ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ଶ୍ରୀମାଶ୍ରୀଅରବିନ୍ଦ ପରାର୍ଦ୍ଧରୁ ସଂସାରରେ ରୂପାନ୍ତର ଘଟାଇବା ସକାଶେ ଉତାରି ଆଣିଛନ୍ତି ସେ ସଂସାର ବାତାବରଣରେ ରୂପାନ୍ତର କ୍ରିୟା ନ କରି କେବଳ ଆଶ୍ରମରେ ଥିବା ସାଧକମାନଙ୍କ ମଧ୍ୟରେ ରୂପାନ୍ତର କ୍ରିୟା କରିବ । ଶ୍ରୀଅରବିନ୍ଦଙ୍କ ଯୋଗ ସଂସାର ସକାଶେ ନ ହୋଇ କେବଳ ଆଶ୍ରମ ସକାଶେ ହେବ । ତେବେ ତ ସଂସାରରେ ଅତିମାନବଜାତି ପ୍ରତିଷ୍ଠା ହୋଇପାରିବ ନାହିଁ । କିନ୍ତୁ ଏପରି ତ କଦାପି ନୁହେଁ ! ଅତିମାନସ ଶକ୍ତି ସୂର୍ଯ୍ୟ ସଦୃଶ ସମଗ୍ର ବିଶ୍ୱରେ ପ୍ରକାଶ ହୋଇ କ୍ରିୟା କରୁଛି । ନିଜ କକ୍ଷରେ ସୂର୍ଯ୍ୟ ପ୍ରକାଶ ପାଇବା ସକାଶେ ଗୃହ ଦ୍ୱାର ଉନ୍ମୁକ୍ତ ରଖିବା ସଦୃଶ ଯେଉଁଠାରେ ଯିଏ ରହି ନିଜ ମନ-ପ୍ରାଣ-ଶରୀରକୁ ଏହି ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ରଖିବ ସେହିଠାରେ ତା' ମଧ୍ୟରେ ସେହି ଶକ୍ତି ରୂପାନ୍ତର କ୍ରିୟା କରିବ ଏବଂ ସେମାନଙ୍କର ରୂପାନ୍ତର ହେବ । ଆଶ୍ରମ ଏବଂ ଆଶ୍ରମର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଂସାର ସକାଶେ ହେବ ଆଦର୍ଶ । ଏହି ଆଦର୍ଶରେ ସଂସାରରେ ଅସଂଖ୍ୟ ସ୍ଥାନରେ ଆଶ୍ରମ ପ୍ରତିଷ୍ଠା ହେବ । ସେଠାରେ ସାଧକମାନେ ରହି ସାଧନା କରିବେ । ଆଶ୍ରମର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଆଦର୍ଶରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବି ବ୍ୟାପକରୂପେ ପ୍ରତିଷ୍ଠା ହେବ । ସମସ୍ତ ସଂସାରରେ ଶ୍ରୀଅରବିନ୍ଦଙ୍କ ଯୋଗ ଓ ଶିକ୍ଷା ପ୍ରସାରିତ ହେବ । ଏହା କେବଳ ଆଶ୍ରମରେ ସୀମିତ ହୋଇ ରହିବ ନାହିଁ ।